# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 04th May - 2025

************************************

## ମୁଖ୍ୟ ସମ୍ବାଦ

- ମୁମ୍ବାଇଠାରେ ଚାଲିଥିବା ଚାରିଦିନିଆ ୱେଭ୍‌ସ ସମ୍ମିଳନୀ ଉଦ୍‌ଯାପିତ ।

— ପୁଞ୍ଜିନିବେଶ ଓ କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ୱେଭ୍‌ସ ଅନନ୍ୟ ମଞ୍ଚ ପ୍ରଦାନ କରିଛି; କହିଲେ ସୂଚନା ଓ ପ୍ରସାରଣ ସଚିବ ।

- କଟକ ରିଙ୍ଗ୍‌ରୋଡ୍ ଘଟଣା ତଦନ୍ତପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଗଠିତ ହେଲା ବୈଷୟିକ କମିଟି ।

- ମତଦାତାଙ୍କ ସୁବିଧା ପାଇଁ ଖୁବ୍ ଶୀଘ୍ର 'ଏକକ ଇ.ସି.ଆଇ. ନେଟ୍ ଆପ୍'ର ଶୁଭାରମ୍ଭ କରିବେ ଭାରତର ନିର୍ବାଚନ ଆୟୋଗ ।

ଏବଂ

- କାଳବୈଶାଖୀ ପ୍ରଭାବ ଲାଗି ୧୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ ।

***Desk***

## ୱେଭ୍‌ସ ସମ୍ମିଳନୀ

ମୁମ୍ବାଇରେ ଆୟୋଜିତ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ ୱେଭ୍‌ସ-୨୦୨୫ର ଆଜି ଉଦ୍‌ଯାପିତ ହୋଇଛି । ୱେଭ୍‌ସରେ ଯୋଗଦେଇ ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ କହିଛନ୍ତି, ୱେଭ୍‌ସ ପୁଞ୍ଜିନିବେଶ, ବ୍ୟବସାୟ, କଳା ଓ ସଂସ୍କୃତିର ପ୍ରଚାର ପ୍ରସାରପାଇଁ ଅନନ୍ୟ ମଞ୍ଚ ପ୍ରଦାନ କରିଛି । ୱେଭ୍‌ସ ସମ୍ମିଳନୀ ସମୟରେ ଆକାଶବାଣୀକୁ ଶ୍ରୀ ଜାଜୁ କହିଛନ୍ତି, ୱେଭ୍‌ସ ଏକ ଜନ ଆନ୍ଦୋଳନ ଭାବରେ ପ୍ରତିଷ୍ଠା ଲାଭ କରିଛି ।

***Voice :........***

***BBSR/R***

## କଟକ ରିଙ୍ଗ୍‌ରୋଡ୍ ଅଘଟଣ

କଟକ ରିଙ୍ଗ୍ ରୋଡ୍ ସମ୍ପ୍ରସାରଣ ସମୟରେ ଅଘଟଣ ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ତିନିଜଣିଆ ବୈଷୟିକ କମିଟି ଗଠନ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହି କମିଟି ଘଟଣା ସମ୍ପର୍କରେ ତଦନ୍ତ କରିବା ସହ ୧୫ ଦିନ ମଧ୍ୟରେ ବିଭାଗକୁ ରିପୋର୍ଟ ପ୍ରଦାନ କରିବ । ବିଭାଗର ସ୍ୱତନ୍ତ୍ର ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଜଣେ ମୁଖ୍ୟ ଯନ୍ତ୍ରୀ ଏବଂ କଟକର ଅତିରିକ୍ତ ଜିଲ୍ଲାପାଳ ସଦସ୍ୟ ଅଛନ୍ତି । ରିପୋର୍ଟ ମିଳିବା ପରେ ଏହି

ଘଟଣାରେ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

***Voice :..........***

***Ganjam/R***

## ମୁଖ୍ୟମନ୍ତ୍ରୀ - ଗଞ୍ଜାମ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୮ ତାରିଖରେ ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ଗସ୍ତରେ ଯିବେ । ପୁରୁଷୋତ୍ତମପୁର ବ୍ଲକ୍‌ର ଗାଙ୍ଗଦହଣୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ସମେତ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଜିଲ୍ଲାର ସମସ୍ତ ବିଧାୟକ କାର୍ଯ୍ୟକ୍ରମରେ ଯୋଗଦେବେ । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ବିଦ୍ୟାଳୟ ପରିଦର୍ଶନ କରି ଭିତ୍ତିଭୂମି ଓ ପାରିପାର୍ଶ୍ୱିକ ସ୍ଥିତିର ସମୀକ୍ଷା କରିଛନ୍ତି ।

*Desk*

## ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ  ଏହି ସୂଚନା ଦିଆଯାଇଛି।  ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ସୂଚାଇ ଦିଆଯିବ ବୋଲି ବିଭାଗ କହିଛି ।

***BBSR/R***

## କ୍ୟାମ୍ପ୍ କୋର୍ଟ

ଭୁବନେଶ୍ୱର ଉନ୍ନତି ଭବନରେ ଆଜି ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ୍ କୋର୍ଟ ଆୟୋଜନ କରାଯାଇଥିଲା । ନାଗରିକକୈନ୍ଦ୍ରିକ ଆଭିମୁଖ୍ୟ ସୁନିଶ୍ଚିତ କରିବା ଏବଂ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ ଅନୁଯାୟୀ ଦାୟର ଆପିଲ୍ ମାମଲାର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଆଜି ୨୦୦ଟି ମାମଲାର ସମାଧାନ ହୋଇଥିଲା । ଅବଶିଷ୍ଟ ମାମଲାଗୁଡ଼ିକ

ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମାଧାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

*Desk*

## ଇ.ସି.ଆଇ. ନେଟ୍ ଆପ୍

ଭାରତର ନିର୍ବାଚନ ଆୟୋଗ ଖୁବ୍‌ଶୀଘ୍ର ଭୋଟରମାନଙ୍କ ପାଇଁ 'ଏକକ ଇ.ସି.ଆଇ. ନେଟ୍ ଆପ୍'ର ଶୁଭାରମ୍ଭ କରିବେ । ଆୟୋଗଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଆପ୍ ମାଧ୍ୟମରେ ୱେବ୍ ଆପ୍ଲିକେସନଗୁଡ଼ିକୁ ସମନ୍ୱିତ କରାଯିବା ସହ ୪୦ରୁ ଅଧିକ ଅନ୍ୟ ମୋବାଇଲ ଆପ୍‌କୁ ଏକୀକୃତ କରାଯାଇଛି । ମତଦାତା, ନିର୍ବାଚନ ଅଧିକାରୀ, ରାଜନୈତିକ ଦଳ ଏବଂ ନାଗରିକମାନଙ୍କ ପାଇଁ ଏହା ଏକ ନୂତନ ବ୍ୟବସ୍ଥା ଭାବେ କାର୍ଯ୍ୟକାରୀ ହେବ । ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ସୂଚନା ଏହି ଆପ୍ ମାଧ୍ୟମରେ ଏକକାଳୀନ ମିଳିପାରିବ । ପୂର୍ବରୁ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ସୂଚନା ପାଇବା ପାଇଁ ଅନେକଗୁଡ଼ିଏ ଆପ୍'ର ସହାୟତା ନେବାକୁ ପଡୁଥିଲା। ବର୍ତ୍ତମାନ ଏହି ଆପ୍ ଜରିଆରେ ସମସ୍ତ ସୂଚନା ଏକସାଙ୍ଗରେ ମିଳିପାରିବ ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀରେ ଗତ ମାର୍ଚ୍ଚ ମାସରେ ଭାରତର ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ଏହି ପ୍ଲାଟଫର୍ମ ସମ୍ପର୍କରେ ଘୋଷଣା କରିଥିଲେ ।

*Desk*

# ଶ୍ରୀମନ୍ଦିର ପ୍ରଶାସନ ବୈଠକ

ଦୀଘା ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠାରେ ପୁରୀ ଶ୍ରୀମନ୍ଦିର ସେବାୟତଙ୍କ ସମ୍ପୃକ୍ତି ସଂକ୍ରାନ୍ତ ଅଭିଯୋଗକୁ ନେଇ ଆଜି ଦୁଇଟି ପର୍ଯ୍ୟାୟରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପରେ ଦଇତାପତି ନିଯୋଗର ସମ୍ପାଦକ' ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ଏ ସମ୍ବନ୍ଧରେ ୭ ଦିନ ମଧ୍ୟରେ କୈଫିୟତ୍ ଦେବାପାଇଁ କୁହାଯାଇଛି । ପୂର୍ବରୁ ଦଇତାପତି ନିଯୋଗର ସଭାପତି ଓ ସମ୍ପାଦକ ଉଭୟ ମୁଖ୍ୟ ପ୍ରଶାସକଙ୍କୁ ଭେଟି ଲିଖିତ ଭାବେ ନିଜର ମତାମତ ଜଣାଇଥିଲେ । ବୈଠକର ଦ୍ୱିତୀୟ ପର୍ଯ୍ୟାୟରେ ଦେଉଳ କମାଣ୍ଡର, ସୁପରଭାଇଜର ଏବଂ ଶ୍ରୀମନ୍ଦିର ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଅଧିକାରୀଙ୍କ ସହ ମୁଖ୍ୟ ପ୍ରଶାସକ ବୈଠକ ହୋଇଥିଲା । ଏଥିରେ ଶ୍ରୀମନ୍ଦିରର ନବକଳେବର ସମୟରେ ବଳକା ଦାରୁ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଅନ୍ୟପକ୍ଷରେ ଆଜି ଅପରାହ୍ନ ୫ଟା ସୁଦ୍ଧା ଘଟଣା ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ଲାଗି ସମସ୍ତ ନିଯୋଗଙ୍କୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା । ସୂଚନାଯୋଗ୍ୟ, ଗତକାଲି ପ୍ରଥମ ପର୍ଯ୍ୟାୟରେ ଦେଉଳକରଣ, ଚଢ଼ାଉକରଣ, ପାଟ୍ଟଯୋଶୀ ମହାପାତ୍ରଙ୍କ ସହ ଆଲୋଚନା ପରେ ଦ୍ୱିତୀୟ ପର୍ଯ୍ୟାୟରେ ତିନି ବାଡ଼ଗ୍ରାହୀ ଓ ତୃତୀୟ ପର୍ଯ୍ୟାୟରେ ତିନି ବିଶ୍ୱକର୍ମା ମହାରଣାଙ୍କ ସହ ଆଲୋଚନା ହୋଇଥିଲା।

***Desk***

# ନୀଟ୍ ପରୀକ୍ଷା

ଦେଶରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା ନିଟ୍-୨୦୨୫ ଆଜି ଅନୁଷ୍ଠିତ ହୋଇଛି । ଜାତୀୟ ପରୀକ୍ଷଣ ସଂସ୍ଥାନ-ଏନ୍.ଟି.ଏ.ଦ୍ୱାରା ପରିଚାଳିତ ପରୀକ୍ଷାରେ ଓଡ଼ିଶାରୁ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୨୭ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ସମସ୍ତ କେନ୍ଦ୍ରରେ ସିସିଟିଭି କ୍ୟାମେରା ସହ ସ୍ୱତନ୍ତ୍ର ସ୍କ୍ୱାର୍ଡର ବ୍ୟବସ୍ଥା କରାଯାଇଥିଲା । ସୂଚନାଯୋଗ୍ୟ, ଦେଶରେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଛନ୍ତି।

***BBSR/R***

# ସୀମା ପୁନର୍ଗଠନ

ରାଜସ୍ୱ ବିଭାଗ ପକ୍ଷରୁ ପ୍ରଶାସନିକ ସୀମା ପୁନର୍ଗଠନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିପାଇଁ ଆସନ୍ତା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଛି । ଏହି ଅବଧି ମଧ୍ୟରେ ପ୍ରତ୍ୟେକ ଜିଲ୍ଲା, ସବ୍‌ଡିଭିଜନ,

ତହସିଲ୍, ପୌରସଂସ୍ଥା ଏବଂ ରାଜସ୍ୱ ଗ୍ରାମଗୁଡ଼ିକରେ ସୀମା ପୁନର୍ଗଠନ ପ୍ରକ୍ରିୟା ଶେଷ କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

***Puri/R***

## ରଥଯାତ୍ରା - ସ୍ୱାସ୍ଥ୍ୟସେବା

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ସମୟରେ ନିରନ୍ତର ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରାଇବା ନେଇ ଭୁବନେଶ୍ୱର ଲୋକସେବା ଭବନରେ ସ୍ୱାସ୍ଥ୍ୟ ବିଭାଗର ବୈଠକ ଅନୁଷ୍ଠିତ ହୋଇଛି । ବିଭାଗୀୟ ସଚିବ ଅଶ୍ୱତୀ ଏସ୍.ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରଥଯାତ୍ରା ସମୟରେ ଜରୁରୀକାଳୀନ ଚିକିତ୍ସାସେବା ଯୋଗାଇବା ତଥା ମାନବ ସମ୍ବଳ ଏବଂ ଆବଶ୍ୟକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ପୁରୀସ୍ଥିତ ବିଭିନ୍ନ ସରକାରୀ ଚିକିତ୍ସାଳୟରେ ଫାଷ୍ଟ-ଏଡ୍ କେନ୍ଦ୍ର ସ୍ଥାପନ, ଆମ୍ବୁଲାନ୍ସ ସେବା, ସ୍ୱାସ୍ଥ୍ୟସେବା ଅଧିକାରୀ ନିୟୋଜିତ କରିବା ନେଇ ବୈଠକରେ ଆଲୋଚନା ହୋଇଛି । ଚଳିତ ବର୍ଷ ନବଯୌବନ ଦର୍ଶନଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଅଧିକ ସଂଖ୍ୟକ ଫାଷ୍ଟ-ଏଡ୍ କେନ୍ଦ୍ର ଖୋଲାଯାଇ ୨୪ ଘଣ୍ଟିଆ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି । ସେହିପରି ଜରୁରୀକାଳୀନ ସେବା ସୁନିଶ୍ଚିତ କରିବାପାଇଁ ୩୦୦ରୁ ଅଧିକ ସ୍ୱାସ୍ଥ୍ୟସେବା ଅଧିକାରୀ ଓ କର୍ମଚାରୀ ନିୟୋଜିତ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି ।

*Nabarangpur/R*

## ଗଣଶିକ୍ଷାମନ୍ତ୍ରୀଙ୍କ ଗସ୍ତ

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଗାଁର ବହୁମୁଖୀ ବିକାଶ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଗଠନପାଇଁ ରାଜ୍ୟ ସରକାର ସର୍ବଦା ଚେଷ୍ଟିତ ବୋଲି ଶ୍ରୀ ଗଣ୍ଡ କହିଛନ୍ତି । ଉମରକୋଟ ବ୍ଲକ୍ କୋପେନା ପଞ୍ଚାୟତ କେଶରୀବେଡ଼ା ଗସ୍ତ କରି ଗ୍ରାମ୍ୟ ନିର୍ମାଣ ବିଭାଗର ନୂତନ କଲ୍‌ଭର୍ଟ ନିର୍ମାଣପାଇଁ ଶିଳାନ୍ୟାସ କରିଛନ୍ତି । ମନ୍ତ୍ରୀ ଶ୍ରୀ ଗଣ୍ଡ ବାପୋଦା ପଞ୍ଚାୟତର ମହୁଭଙ୍ଗା ଗ୍ରାମରେ ଠାକୁରାଣୀ ମନ୍ଦିର ପରିଦର୍ଶନ କରି ସେଠାରେ ଏକ ଦଳୀୟ ବୈଠକରେ ଯୋଗ ଦେଇଥିଲେ ।

*Met. O.*

## ପାଣିପାଗ

ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ବୁଧବାର ପର୍ଯ୍ୟନ୍ତ ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଝଡ଼ ତୋଫାନ ଏବଂ କୁଆପଥର ବୃଷ୍ଟି ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି

ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ୧୬ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଆଜି ପ୍ରାୟ ସମସ୍ତ ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍‌ରୁ କମ୍ ଥିଲା ।

*****